# NATIONAL NEWS BULLETIN (ODIA)

**21 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପ୍ରଯୁକ୍ତିବିଦ୍ୟା, ଜଳବାୟୁ ସହନଶୀଳ କୃଷି, ସାମୁଦ୍ରିକ ନିରାପତ୍ତା, ଯୋଗାଯୋଗ ଏବଂ ଅର୍ଥନୀତି କ୍ଷେତ୍ରରେ ଭାରତ-ଆଫ୍ରିକା ସହଯୋଗ ଅନେକ ସୁଯୋଗ ରହିଛି, କହିଲେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ।

- ୩ ଦିନିଆ ପୋଲାଣ୍ଡ ଗସ୍ତରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଆସନ୍ତା ୨୫ ତାରିଖରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ ପ୍ରଧାନମନ୍ତ୍ରୀ ।

- ଶୁକ୍ରବାର ଠାରୁ ୪ ଦିନିଆ ଆମେରିକା ଗସ୍ତରେ ଯିବେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ।

ଏବଂ

- ଜାମ୍ମୁ କାଶ୍ମୀରରେ ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ମୁତୟନ ହେଲେ ଅର୍ଦ୍ଧସାମରିକ ବାହିନୀ ।

---

## ଭିପି- କନ୍‌କ୍ଲେଭ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ କହିଛନ୍ତି ପ୍ରଯୁକ୍ତିବିଦ୍ୟା, ଜଳବାୟୁ ସହନଶୀଳ କୃଷି, ସାମୁଦ୍ରିକ ନିରାପତ୍ତା,ଯୋଗାଯୋଗ ଏବଂ ଅର୍ଥନୀତି

କ୍ଷେତ୍ରରେ ଭାରତ-ଆଫ୍ରିକା ଦ୍ୱିପାକ୍ଷିକ ସହଯୋଗର ଅନେକ ସୁଯୋଗ ରହିଛି । ନୂଆଦିଲ୍ଲୀଠାରେ ଆୟୋଜିତ ୧୯ତମ ସି.ଆଇ.ଆଇ. ଭାରତ-ଆଫ୍ରିକା ବ୍ୟବସାୟ ସମ୍ମିଳନୀକୁ ଉଦ୍‌ଘାଟନ କରିବା ଅବସରରେ ଉପରାଷ୍ଟ୍ରପତି ଏହା କହିଛନ୍ତି । ସେ କହିଛନ୍ତି ଭାରତ' ଆଫ୍ରିକାକୁ ମହାକାଶ କ୍ଷେତ୍ରରେ ସହଯୋଗ ପ୍ରଦାନ କରୁଛି । ଭାରତ ହେଉଛି ଆଫ୍ରିକାର ଚତୁର୍ଥ ବୃହତ୍ତମ ବାଣିଜ୍ୟ ସହଯୋଗୀ ବୋଲି ଶ୍ରୀ ଧନଖଡ଼ କହିଛନ୍ତି । ଭାରତର ଜି-୨୦ ଅଧ୍ୟକ୍ଷତା ସମୟରେ ଆଫ୍ରିକୀୟ ସଂଘକୁ ଅନ୍ତର୍ଭୁକ୍ତ କରିବା ଭାରତ ପାଇଁ ଏକ ଗର୍ବ ଓ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ଥିଲା ବୋଲି ସେ କହିଛନ୍ତି । ଜି-୨୦ ଅଧ୍ୟକ୍ଷତାରେ ସମୟରେ ଭାରତ ଗୋଟିଏ ପୃଥିବୀ, ଗୋଟିଏ ପରିବାର, ଗୋଟିଏ ଭବିଷ୍ୟତର ଚିନ୍ତାଧାରାକୁ ପ୍ରୋତ୍ସାହିତ କରିଥିଲା । ଚଳିତ ଭାରତ-ଆଫ୍ରିକା ବ୍ୟବସାୟ ସମ୍ମିଳନୀର ବିଷୟବସ୍ତୁ ରହିଛି "ଏକ ଭବିଷ୍ୟତ ସୃଷ୍ଟି" । ଶ୍ରୀ ଧଡ଼ଖଡ଼ କହିଛନ୍ତି ଏହି ସମ୍ମିଳନୀ ସମସାମୟିକ ଏବଂ ପ୍ରାସଙ୍ଗିକ ବିଷୟବସ୍ତୁ ଉପରେ ବିଚାରବିମର୍ଶ କରିବା ତଥା ଏକ କଲ୍ୟାଣକାରୀ ଭବିଷ୍ୟତ ସୃଷ୍ଟି ଦିଗରେ ପ୍ରୟାସକୁ ସୁଯୋଗ ପ୍ରଦାନ କରିଥାଏ ।

ସମ୍ମିଳନୀରେ ଯୋଗଦେଇ ଜିମ୍ବାୱେ ଉପରାଷ୍ଟ୍ରପତି ଡକ୍ଟର ସି.ଜି.ଡି.ଏନ୍.ଚୁଏଙ୍ଗା ଆଫ୍ରିକାରେ ପୁଞ୍ଜି ନିବେଶ ପାଇଁ ଭାରତ ପାଖରେ ପ୍ରଚୁର ସୁଯୋଗ ରହିଛି । ଆଫ୍ରିକୀୟ ଉଦ୍ୟୋଗ ଗୁଡ଼ିକରେ ପୁଞ୍ଜି ନିବେଶ ଏବଂ ଭାଗିଦାରୀତାରେ ଭାରତୀୟ କମ୍ପାନୀଗୁଡ଼ିକ ବିଶ୍ୱସ୍ତରରେ ନିଜର ପ୍ରଭାବ ବିସ୍ତାର କରିପାରିବେ ବୋଲି ସେ କହିଛନ୍ତି ।

ଏଥିରେ ଯୋଗଦେଇ ମରିସସ୍‌ର ଉପରାଷ୍ଟ୍ରପତି ମେରୀ ସିରିଲ୍ ଏଡି ବୋଇସୋଜେନ୍ କହିଛନ୍ତି ଭାରତର ୟୁପିଆଇ ବ୍ୟବସ୍ଥା ଗ୍ରହଣ କରିବାରେ ମରିସସ୍ ହେଉଛି ପ୍ରଥମ ଆଫ୍ରିକୀୟ ରାଷ୍ଟ୍ର । ଏହାଦ୍ୱାରା ଭାରତ-ଆଫ୍ରିକା ପର୍ଯ୍ୟଟନ କ୍ଷେତ୍ର ଅଧିକ ଗତିଶୀଳ ହୋଇପାରିଛି । ଭାରତ-ମରିସସ୍ ଦ୍ୱିପାକ୍ଷିକ ସଂପର୍କରେ କୃଷି, ଶିକ୍ଷା, ସାମୁଦ୍ରିକ ନିରାପତ୍ତା ଏବଂ ସୁରକ୍ଷା ଆଦି କ୍ଷେତ୍ର ସାମିଲ ଅଛି ବୋଲି ସେ କହିଛନ୍ତି। ଭବିଷ୍ୟତରେ ସଂପର୍କରେ ସ୍ଥାୟୀତ୍ୱ ଏବଂ ଖାଦ୍ୟ ନିରାପତ୍ତା ଉପରେ ଅଧିକ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ଲାଇବେରିଆର ଉପରାଷ୍ଟ୍ରପତି ଜେରିମିଆ କ୍ୱାନ କୁଅଙ୍ଗ କହିଛନ୍ତି ଲାଇବେରିଆରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ଏବଂ ଅନ୍ୟାନ୍ୟ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶର ବ୍ୟାପକ ସୁଯୋଗ ରହିଛି । ପାରସ୍ପରିକ ଅଭିବୃଦ୍ଧି ଏବଂ ସମୃଦ୍ଧ ଭବିଷ୍ୟତ ନିର୍ମାଣ ପାଇଁ ଆଫ୍ରିକୀୟ ରାଷ୍ଟ୍ର ସମୂହ ବିଶ୍ୱସ୍ତରୀୟ ଅଂଶୀଦାରଙ୍କୁ ସହଯୋଗ ପ୍ରଦାନ କରିବାକୁ ସେ କହିଛନ୍ତି ।

ଗାମ୍ବିଆର ଉପରାଷ୍ଟ୍ରପତି ମହମ୍ମଦ ବି.ଏସ୍. ଜାଲୋ କହିଛନ୍ତି ଗାମ୍ବିଆରେ ନୂତନ ବାଣିଜ୍ୟ ସୁଯୋଗ ରହିଛି । ଭାରତ-ଗାମ୍ବିଆ ପ୍ରଭାବଶାଳୀ ଯୁଗ୍ମ ଉଦ୍ୟୋଗ ସୃଷ୍ଟି କରିବାର ବ୍ୟାପକ ସୁଯୋଗ ରହିଛି ବୋଲି ସେ ଏହି ଅବସରରେ କହିଛନ୍ତି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ୩ ଦିନିଆ ପୋଲାଣ୍ଡ ଗସ୍ତରେ ଯାଉଛନ୍ତି । ଏହି ଗସ୍ତ ଅବ୍ୟବହିତ ପୂର୍ବରୁ ପ୍ରଧାନମନ୍ତ୍ରୀ କହିଛନ୍ତି

ଯେ ପୋଲାଣ୍ଡ ମଧ୍ୟ ୟୁରୋପରେ ଏକ ପ୍ରମୁଖ ଅର୍ଥନୈତିକ ଭାଗିଦାରୀ ରାଷ୍ଟ୍ର । ସେ କହିଛନ୍ତି ଗଣତନ୍ତ୍ର ଏବଂ ବହୁମୁଖୀ କ୍ଷେତ୍ରରେ ଦୁଇଦେଶ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ଼ କରିବା ତାଙ୍କ ଗସ୍ତର ଲକ୍ଷ୍ୟ ।

୪୫ ବର୍ଷ ପରେ ଜଣେ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ଏହା ହେଉଛି ପ୍ରଥମ ପୋଲାଣ୍ଡ ଗସ୍ତ । ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନର ୭୦ ବର୍ଷ ପୂର୍ତ୍ତି ଅବସରରେ ଶ୍ରୀ ମୋଦିଙ୍କର ଏହି ଗସ୍ତ ଗୁରୁତ୍ୱ ବହନ କରୁଛି । ଏହି ଅବସରରେ ପୋଲାଣ୍ଡ ସହିତ ଜାମ୍‌ନଗର ଓ କୋହ୍ଲାପୁରର ସ୍ୱତନ୍ତ୍ର ସମ୍ପର୍କ ବହନ କରୁଥିବା ସ୍ମାରକୀକୁ ଶ୍ରୀ ମୋଦି ପରିଦର୍ଶନ କରିବେ ।

ପୋଲାଣ୍ଡ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଆସନ୍ତା ୨୩ ତାରିଖ ଦିନ ୟୁକ୍ରେନ୍ ଗସ୍ତ କରିବେ । ୧୯୯୨ ମସିହାରେ ଭାରତ-ୟୁକ୍ରେନ୍ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରଠାରୁ ପ୍ରଥମ ଥର ଲାଗି ଜଣେ ଭାରତୀୟ ପ୍ରଧାନମନ୍ତ୍ରୀ ଭାବେ ଶ୍ରୀ ମୋଦି ସେଠାକାର ରାଷ୍ଟ୍ରପତି ଭୋଲୋଦିମିର ଜେଲେନେସ୍କିଙ୍କ ଆମନ୍ତ୍ରଣକ୍ରମେ ସେହି ଦେଶ ଗସ୍ତ କରୁଛନ୍ତି ।  ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ କିଭ୍'ଠାରେ ସେଠାକାର ନେତୃବୃନ୍ଦଙ୍କ ସହିତ ରାଜନୈତିକ, ବାଣିଜ୍ୟ, ଅର୍ଥନୀତି, ପୁଞ୍ଜିନିବେଶ, ଶିକ୍ଷା, ସଂସ୍କୃତି, ମାନବିକ ସହାୟତା, ଜନସମ୍ପର୍କ ସମେତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦ୍ୱିପକ୍ଷୀୟ ପ୍ରସଙ୍ଗରେ ଆଲୋଚନା କରିବେ । ଏତଦ୍‌ବ୍ୟତୀତ ଶ୍ରୀ ମୋଦି ସେଠାରେ ବସବାସ କରୁଥିବା ଭାରତୀୟ ସମ୍ପ୍ରଦାୟ ଏବଂ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟକ୍ରମ ରହିଛି । ପ୍ରଧାନମନ୍ତ୍ରୀଙ୍କର ଏହି ଗସ୍ତ ଦୁଇ ଦେଶ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

# ରାଜନାଥ-ୟୁଏସ୍

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ଆସନ୍ତା ଶୁକ୍ରବାର ଠାରୁ ୪ ଦିନିଆ ଆମେରିକା ଗସ୍ତରେ ଯିବେ । ସେ ତାଙ୍କ ଆମେରିକୀୟ ପ୍ରତିପକ୍ଷଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ଆମେରିକା ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି ଯେ ଏହି ଗସ୍ତ ଭାରତ-ଆମେରିକା ସଂପର୍କ ଏବଂ ଏକାଧିକ ସ୍ତରରେ ପ୍ରତିରକ୍ଷା କାର୍ଯ୍ୟରେ ବୃଦ୍ଧି ପାଉଥିବା ପୃଷ୍ଠଭୂମି ଉପରେ ପର୍ଯ୍ୟବେସିତ। ଏହି ଗସ୍ତ ଭାରତ-ଆମେରିକାର ବିସ୍ତୃତ ବୈଶ୍ୱିକ ରଣନୈତିକ ଭାଗିଦାରୀକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ରରେ ଭବିଷ୍ୟତ ସହଭାଗିତାକୁ ଦୃଷ୍ଟିରେ ରଖି ଶ୍ରୀ ସିଂ ଆମେରିକାର ପ୍ରତିରକ୍ଷା ଶିଳ୍ପ ଗୋଷ୍ଠୀର ଏକ ଉଚ୍ଚସ୍ତରୀୟ ବୈଠକରେ ଯୋଗଦେବେ । ଏହି ଗସ୍ତ ଅବସରରେ ସେ ସେଠାକାର ଭାରତୀୟଙ୍କ ସହିତ ଭାବ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି ।

---

# ମହା-ବଦଲାପୁର

ମହାରାଷ୍ଟ୍ରର ଥାନେ ଜିଲ୍ଲା ଅନ୍ତର୍ଗତ ବଦଲାପୁରରେ ୨ ନାବାଳିକାଙ୍କୁ ଯୌନ ନିର୍ଯାତନା ମାମଲାରେ ଗିରଫ ହୋଇଥିବା ଅକ୍ଷୟ ସିନ୍ଦେଙ୍କୁ ଆଗାମୀ ୨୬ ତାରିଖ ପର୍ଯ୍ୟନ୍ତ ପୋଲିସ୍ ହେପାଜତକୁ ପଠାଇ ଦିଆଯାଇଛି । ଏହି ମାମଲାର ଶୁଣାଣି କରି କୋର୍ଟ ତାଙ୍କୁ ପୋଲିସ୍ ହେପାଜତକୁ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଘଟଣା ପରିପ୍ରେକ୍ଷୀରେ ଗତକାଲି ରେଳରୋକ ବିକ୍ଷୋଭ ପ୍ରଦର୍ଶନରେ ସାମିଲ ଥିବା ୩୦୦ ଜଣଙ୍କ ବିରୁଦ୍ଧରେ ୍ ମାମଲା ରୁଜୁ ହୋଇଛି । ଏହି ଘଟଣାରେ ଜିଆରପି ଏପର୍ଯ୍ୟନ୍ତ ୨୮ ଜଣଙ୍କୁ ଗିରଫ କରିଛି ଏବଂ ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯିବ । ବଦଲାପୁର ରେଳଷ୍ଟେସନରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଅନ୍ୟପକ୍ଷରେ ମହାରାଷ୍ଟ୍ର ସରକାର ଏହି ଘଟଣାର ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି ।

କେନ୍ଦ୍ରୀୟ ରେଳବାଇର ପୋଲିସର ଡିସିପି ମନୋଜ ପାଟିଲ କହିଛନ୍ତି ଯେ ଏହି ଅଞ୍ଚଳରେ ପରିସ୍ଥିତି ଏବଂ ରେଳ ଚଳାଚଳ ସ୍ୱାଭାବିକ ରହିଛି । ଗୁଜବକୁ ରୋକିବା ପାଇଁ ଏହି ଅଞ୍ଚଳରେ ଇଣ୍ଟରନେଟ୍ ସେବା କିଛିଦିନ ପାଇଁ ସ୍ଥଗିତ ରଖାଯିବ ବୋଲି ସେ ସୂଚନା ଦେଇଛନ୍ତି ।

---

## ଜେକେ ଇଲେକ୍ସନ

କାଶ୍ମୀର ଉପତ୍ୟକାରେ ଶାନ୍ତିଶୃଙ୍ଖଳାର ସହ ନିର୍ବାଚନ ସମାପନ ପାଇଁ ପ୍ରାୟ ୩୦୦ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ନିୟୋଜିତ କରାଯାଇଛି । ସେଥିମଧ୍ୟରେ ସିଆରପିଏଫ୍, ବିଏସଏଫ୍, ଏସଏସ୍‌ବି ଏବଂ ଆଇଟିବିପି ସମେତ ୨୯୮ କମ୍ପାନୀ ଅର୍ଦ୍ଧସାମରିକ ବାହିନୀ ଅନ୍ତର୍ଭୁକ୍ତ । ଶ୍ରୀନଗର, ହଣ୍ଡୱାରା, ଗଣ୍ଡରୱାଲ୍, ବୋଡଗାଓଁ, କୁପୱାରା, ବାରମୂଲ୍ଲା, ବାନ୍ଦିପରା, ଅନନ୍ତନାଗ, ସୋପିଆଁ, ପୁଲୱାମା, ଅୱନ୍ତିପୋରା ଏବଂ କୁଲମ୍ ଜିଲ୍ଲାରେ ସୁରକ୍ଷା ବାହିନୀ ଗୁଡ଼ିକୁ ନିୟୋଜିତ କରାଯାଇଛି । ଭାରତୀୟ ନିର୍ବାଚନ ଆୟୋଗ ଇତିମଧ୍ୟରେ ସେଠାରେ ୩ ପର୍ଯ୍ୟାୟରେ ମତ ଗ୍ରହଣ ପାଇଁ ତାରିଖ ଘୋଷଣା କରିଥିଲେ । ପ୍ରଥମ ପର୍ଯ୍ୟାୟ ମତଦାନ ସେପ୍ଟେମ୍ବର ୧୮ ତାରିଖରେ ହେବାକୁ ଥିବା ବେଳେ ଦ୍ୱିତୀୟ

ପର୍ଯ୍ୟାୟ ୨୫ ତାରିଖ ଏବଂ ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟ ଅକ୍ଟୋବର ୧ ତାରିଖରେ ଅନୁଷ୍ଠିତ ହେବ ।

ଜାମ୍ମୁ କାଶ୍ମୀରରେ ଯୁବ ଏବଂ ମହିଳା ଭୋଟରଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଜଣାପଡ଼ିଛି । ଭୋଟର ତାଲିକାରେ ୯୩ ହଜାରରୁ ଅଧିକ ନୂଆ ଭୋଟର ସାମିଲ ହୋଇଛନ୍ତି । ସେଠାରେ ମତଦାନ କେନ୍ଦ୍ର ସଂଖ୍ୟା ମଧ୍ୟ ୨୦୯କୁ ବୃଦ୍ଧି ପାଇଛି । ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ସହ ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ ପରେ  ମୋଟ୍ ଭୋଟର ସଂଖ୍ୟା ୮୮ ଲକ୍ଷ ୩ ହଜାରରେ ପହଞ୍ଚିଛି ।

---

# ପିଏମ୍-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୫ ତାରିଖ ରବିବାର ପୂର୍ବାହ୍ନ ୧୧ଟା ବେଳେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେବେ । ଏହି କାର୍ଯ୍ୟକ୍ରମ  ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟଓ୍ୱାର୍କ, ଆକାଶବାଣୀ ଓ୍ୱେବ୍‌ସାଇଟ୍ ଓ Newsonair  ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ Live Strim ହେବ । ହିନ୍ଦୀ ପ୍ରସାରଣ ପରେ ପରେ ଆକାଶବାଣୀରେ ଏହି କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣର ପ୍ରସାରଣ କରିବ ।  ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

---

## ଇଣ୍ଡିଆ-ଜାପାନ - ୨/୨ କୋଅପସରେନ

ଭାରତ ଓ ଜାପାନ ମଧ୍ୟରେ ପ୍ରତିରକ୍ଷା ଏବଂ ବୈଦେଶିକ ବ୍ୟାପାର କ୍ଷେତ୍ରରେ Two Plus Two ମନ୍ତ୍ରୀସ୍ତରୀୟ ବୈଠକରେ ଦ୍ୱିପକ୍ଷୀୟ ସହଯୋଗର ସମୀକ୍ଷା କରାଯାଇଛି । ନୂଆଦିଲ୍ଲୀରେ ଆୟୋଜିତ ଏହି

ବୈଠକରେ ଭାରତ ପକ୍ଷରୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଭାଗ ନେଇଥିବାବେଳେ ଜାପାନର ପ୍ରତିରକ୍ଷା ମନ୍ତ୍ରୀ କିହାରା ମିନୋରୁ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ୟୋକୋ କାମିକାୱା ଏଥିରେ ଅଂଶଗ୍ରହଣ କରିଥିଲେ । ବୈଠକରେ ଦୁଇ ଦେଶର ପ୍ରତିରକ୍ଷା ଓ ବୈଦେଶିକ ବ୍ୟାପାର ମନ୍ତ୍ରୀମାନେ ଆପୋଷ ସ୍ୱାର୍ଥଜଡ଼ିତ ବିଭିନ୍ନ ଆଞ୍ଚଳିକ ତଥା ଅନ୍ତର୍ଜାତୀୟ ସମସ୍ୟା ଉପରେ ମତ ବିନିମୟ କରିବା ସହିତ ବିଭିନ୍ନ କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ମଧ୍ୟ ଆଲୋଚନା କରିଛନ୍ତି ।

ବୈଠକ ପରେ ଏକ ପ୍ରେସ୍ ବିବୃତ୍ତିରେ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ କହିଛନ୍ତି, ୨୦୨୨ ସେପ୍ଟେମ୍ବର ମାସରେ ଟୋକିଓରେ ଦୁଇ ଦେଶ ମଧ୍ୟରେ ଅନୁଷ୍ଠିତ ଅନୁରୂପ ବୈଠକ ପରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ହାସଲ କରାଯାଇପାରିଛି । କେତେକ କ୍ଷେତ୍ରରେ ଫଳାଫଳ ଧାର୍ଯ୍ୟ ଲକ୍ଷ୍ୟରୁ ଅଧିକ ହୋଇଛି ବୋଲି ଉଲ୍ଲେଖ କରାଯାଇଛି । ଦୁଇ ଦେଶର ପ୍ରତିରକ୍ଷା ମନ୍ତ୍ରଣାଳୟ ମଧ୍ୟରେ ଉତ୍ତମ ସମନ୍ୱୟ ଲାଗି ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ସିଂହ କହିଛନ୍ତି । ସେ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ବଜାୟ ରଖିବା ଦିଗରେ ଭାରତ-ଜାପାନ ଭାଗିଦାରୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ । ଏହାକୁ ବଜାୟ ରଖିବା ଦିଗରେ ଏହି ବୈଠକରେ ଉଭୟ ପକ୍ଷ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ବୋଲି ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ସିଂହ ଏହି ବିବୃତ୍ତିରେ ଉଲ୍ଲେଖ କରିଛନ୍ତି ।

ସେହିଭଳି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଜୟଶଙ୍କର ବୈଠକ ପରେ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି, ପ୍ରତିରକ୍ଷା ଏବଂ ନିରାପତ୍ତା ପ୍ରସଙ୍ଗରେ ଏହି ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ବୈଠକର

ସଫଳତା ଉପରେ ଆଲୋକପାତ କରି ସେ କହିଛନ୍ତି, ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଦିଗରେ ଏଭଳି ମନ୍ତ୍ରୀସ୍ତରୀୟ କଥାବାର୍ତ୍ତା ଅନେକ ଗୁରୁତ୍ୱ ବହନ କରେ ଏବଂ ଏ ଦିଗରେ ଉଭୟ ପକ୍ଷ ସହଯୋଗ ଜାରି କରିବା ନିମନ୍ତେ ନିଜର ପ୍ରତିଶ୍ରୁତିବଦ୍ଧତା ଦୋହରାଇଛନ୍ତି ।

..........................................................................